# NATIONAL NEWS BULLETIN (ODIA)

## 15 January - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସାମାଜିକ ପରିବର୍ତ୍ତନକୁ ଗ୍ରହଣ କରିବା ସହିତ ସମାଜ ଓ ରାଷ୍ଟ୍ରର ମଙ୍ଗଳ ପାଇଁ ଜ୍ଞାନ ଆହରଣ କରିବା ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି
- ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ହେବେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଓ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ
- ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀଙ୍କ ବିରୁଦ୍ଧରେ ପଶ୍ଚିମବଙ୍ଗ ପୁଲିସର ଏଫ୍.ଆଇ.ଆର.କୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ
- ଇରାନ୍‌ର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋଚନା ପାଇଁ ଆଜି ଅନୁଷ୍ଠିତ ହେବ ଜାତିସଂଘ ସୁରକ୍ଷା ପରିଷଦର ବୈଠକ

ଏବଂ

- ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଲେ ଭାରତର ଲକ୍ଷ୍ୟ ସେନ୍

## ପଞ୍ଜାବ–ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଶିକ୍ଷା କେବଳ ଜୀବିକାର ଏକ ମାଧମ ନୁହେଁ ବରଂ ଏହା ସମାଜ ଓ ରାଷ୍ଟ୍ରର ସେବା କରିବାର ଏକ ମାଧମ। ଅମୃତସରରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ସମାରୋହକୁ ଆଜି ସମ୍ବୋଧନ କରି ରାଷ୍ଟ୍ରପତି' ବିକାଶଧାରାରେ ପଛରେ ପଡ଼ିଥିବା ଲୋକଙ୍କୁ ସହଯୋଗ ପ୍ରଦାନ ମାଧମରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ କେତେକ ଗୁଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାର ଆବଶ୍ୟକତା ନେଇ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେଗୁଡ଼ିକ ହେଉଛି ଶିଖିବାର ନିରନ୍ତର ଇଚ୍ଛା, ନୈତିକ ମୂଲ୍ୟବୋଧ, ସଚ୍ଚୋଟତା, ଦୃଢ଼ତା। ପରିବର୍ତ୍ତନକୁ ଗ୍ରହଣ କରିବା ସହିତ କେବଳ ବ୍ୟକ୍ତିଗତ ଲାଭ ପାଇଁ ନୁହେଁ ବରଂ ସମାଜ ଏବଂ ରାଷ୍ଟ୍ରର ମଙ୍ଗଳ ପାଇଁ ଶିକ୍ଷା କରିବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି।

**V/O- President**

ମହିଳାମାନଙ୍କୁ ସମାଜରେ ସମାନ ଅଧିକାର ଦିଆଯିବା ସଂକ୍ରାନ୍ତ ଗୁରୁ ନାନକ ଦେବ ଜୀଙ୍କ ଶିକ୍ଷାକୁ ଅନୁସରଣ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି।

# ରିପବ୍ଲିକ ଡେ ଚିଫ୍ ଗେଷ୍ଟ

ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ୍ ଆସନ୍ତା ୨୬ ତାରିଖରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଉଭୟ ନେତା ଆସନ୍ତା ୨୫ ତାରିଖରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ଅବସରରେ ସେମାନେ ୨୭ ତାରିଖରେ ୧୬ତମ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ। ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଭନ୍ ଡେର୍ ଲେୟେନ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ। ଭାରତ–ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ଅବସରରେ ଭାରତ-ୟୁରୋପୀୟ ସଂଘ ବ୍ୟବସାୟିକ ବୈଠକର ମଧ୍ୟ ଆୟୋଜନ ହେବାର କାର୍ଯ୍ୟସୂଚୀ ରହିଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଭାରତ ଏବଂ ୟୁରୋପୀୟ ସଂଘ ୨୦୦୪ ମସିହାରୁ ରଣନୈତିକ ଅଂଶୀଦାର ହୋଇ ରହିଛନ୍ତି। ପଞ୍ଚଦଶ ଭାରତ–ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ୨୦୨୦ ଜୁଲାଇ ୧୫ ତାରିଖରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବିଶେଷ

କରି, ଗତ ବର୍ଷ ଫେବୃଆରୀରେ ଇ.ୟୁ. କଲେଜ ଅଫ୍ କମିଶନରଙ୍କ ଭାରତ ଗସ୍ତ ପରେ ଦ୍ୱିପାକ୍ଷିକ ସମ୍ପର୍କ ବ୍ୟାପକ କ୍ଷେତ୍ରରେ ସମ୍ପ୍ରସାରିତ ହୋଇଛି। ୭୭ତମ ଗଣତନ୍ତ୍ର ଦିବସ ଏବଂ ୧୬ତମ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ୟୁରୋପୀୟ ସଂଘର ନେତାମାନଙ୍କର ଅଂଶଗ୍ରହଣ ଭାରତ–ୟୁରୋପୀୟ ସଂଘ ରଣନୈତିକ ଭାଗିଦାରୀକୁ ଆହୁରି ମଜଭୁତ କରିବା ସହ ପାରସ୍ପରିକ ସ୍ୱାର୍ଥର ପ୍ରାଥମିକତା କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଇବ।

## ଏସ୍‌ସି-ଇଡି-ଟିଏମ୍‌ସି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀଙ୍କ ବିରୁଦ୍ଧରେ ପଶ୍ଚିମବଙ୍ଗ ପୁଲିସ ଦ୍ୱାରା ପଞ୍ଜୀକୃତ ହୋଇଥିବା ଏଫ୍.ଆଇ.ଆର୍.ଗୁଡ଼ିକୁ ସୁପ୍ରିମକୋର୍ଟ ଆଜି ସ୍ଥଗିତ ରଖିଛନ୍ତି। ରାଜନୈତିକ ପରାମର୍ଶଦାତା ଆଇ–ପାକ୍ ସଂସ୍ଥା ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ କୋଲକାତା ସ୍ଥିତ ବାସଭବନ ପରିସରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଲିଥିବା ତଲାସୀ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ପୁଲିସ ପକ୍ଷରୁ ଏହି ଏଫ୍.ଆଇ.ଆର୍ ଦାଖଲ ହୋଇଥିଲା। ତଲାସୀ ସମୟରେ ପଶ୍ଚିମବଙ୍ଗ ପକ୍ଷରୁ ସୃଷ୍ଟ ବାଧା ପରିପ୍ରେକ୍ଷୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦାଖଲ କରିଥିବା ଆବେଦନ ଉପରେ ଶୁଣାଣି କରି ବିଚାରପତି ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପୁଲିସ ମହାନିର୍ଦ୍ଦେଶକ ରାଜୀବ କୁମାର, କୋଲକାତା ପୁଲିସ କମିଶନର ଏବଂ ଅନ୍ୟପକ୍ଷଗୁଡ଼ିକୁ

ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୩ ତାରିଖକୁ ଧାର୍ଯ୍ୟ ହୋଇଛି।

## ନୀତି ଆୟୋଗ ରିପୋର୍ଟ-ଏମ୍ଏସ୍ଏମ୍ଏଇ

ଯୋଜନାଗୁଡ଼ିକର ସମନ୍ୱୟ ମାଧ୍ୟମରେ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ଦକ୍ଷତା ହାସଲ ଶୀର୍ଷକ ଏକ ରିପୋର୍ଟ ଆଜି ନୀତି ଆୟୋଗ ପକ୍ଷରୁ ପ୍ରକାଶ ପାଇଛି। ନୂଆଦିଲ୍ଲୀରେ ଆଜି ଆୟୋଗର କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍ ସୁବ୍ରମଣ୍ୟମ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। ଏମ୍.ଏସ୍.ଏମ୍.ଇ. କ୍ଷେତ୍ରଗୁଡ଼ିକରେ ସରକାରୀ ସହାୟତାର ପ୍ରଭାବ ଏବଂ ଭବିଷ୍ୟତ ରୂପରେଖ ଏହି ରିପୋର୍ଟରେ ସ୍ଥାନିତ ହୋଇଛି। ଏମ୍.ଏସ୍.ଏମ୍.ଇ. କ୍ଷେତ୍ରଗୁଡ଼ିକ ପାଇଁ କାର୍ଯ୍ୟକାରୀ ଯୋଜନା ଏବଂ ଏହାର କାର୍ଯ୍ୟାନ୍ୱୟନ ସ୍ଥିତି ଆଦି ଏହି ରିପୋର୍ଟରେ ସ୍ଥାନିତ ହୋଇଛି ବୋଲି ନୀତି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ରିପୋର୍ଟ ଉନ୍ମୋଚନ ଅବସରରେ ସମାବେଶକୁ ସମ୍ବୋଧନ କରି ଶ୍ରୀ ସୁବ୍ରମଣ୍ୟମ କହିଛନ୍ତି, ଏମ୍.ଏସ୍.ଏମ୍.ଇ. ଯୋଜନାଗୁଡ଼ିକୁ ସମନ୍ୱିତ କରାଯାଇ ଏକ ଏକୀକୃତ ପୋର୍ଟାଲ ପ୍ରସ୍ତୁତ କରିବା ପାଇଁ ଏହି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଉନ୍ମୋଚନ କାର୍ଯ୍ୟକ୍ରମରେ ଏମ୍.ଏସ୍.ଏମ୍.ଇ ମନ୍ତ୍ରଣାଳୟ ସଚିବ ଏସ୍.ସି.ଏଲ୍. ଦାଶ ଉପସ୍ଥିତ ଥିଲେ।

# ୟୁଏନ୍‌ଏସସି-ଇରାନ୍ ମିଟିଂ

ଇରାନର ସାମ୍ପ୍ରତିକ ପରିସ୍ଥିତିରେ ଉପରେ ଆଲୋଚନା କରିବା ଲାଗି ଜାତିସଂଘ ସୁରକ୍ଷା ପରିଷଦର ଏକ ବୈଠକ ଆଜି ଅନୁଷ୍ଠିତ ହେବାକୁ ଯାଉଛି। ଗତ ସପ୍ତାହେ ଧରି ସେଠାରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ଏବଂ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ବୃଦ୍ଧି ପାଉଥିବା ଉତ୍ତେଜନା ନେଇ ବୈଠକରେ ମତବିନିମୟ ହେବାର ସମ୍ଭାବନା ରହିଛି। ଇରାନ୍ ପକ୍ଷରୁ ଗତକାଲି ରାତିରେ ପ୍ରାୟ ୫ ଘଣ୍ଟା ଧରି ବାୟୁସୀମାକୁ ସାମୟିକ ଭାବରେ ବନ୍ଦ କରାଯିବା ପରିପ୍ରେକ୍ଷୀରେ ଜାତିସଂଘ ପକ୍ଷରୁ ଏହି ବୈଠକ ଡକାଯାଇଥିବା ଜଣାପଡ଼ିଛି। ଇରାନ ବାୟୁସୀମା ବନ୍ଦ ହେବା ଦ୍ୱାରା ଅନେକ ଅନ୍ତର୍ଜାତୀୟ ବିମାନ ସେବା ବାଧାପ୍ରାପ୍ତ ହେବା ସହ କେତେକ ଗତିପଥ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ। ତେବେ ଇରାନ୍‌ର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଆଜି ସକାଳୁ ପୁନଃ ଉନ୍ମୁକ୍ତ କରିଛନ୍ତି। ଫଳରେ ଘରୋଇ ଏବଂ ଆନ୍ତର୍ଜାତିକ ବିମାନ ସେବା ପୁନଃ କାର୍ଯ୍ୟକ୍ଷମ ହୋଇପାରିଛି।

ଅନ୍ୟପକ୍ଷରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇରାନ୍‌ରେ ଥିବା ଭାରତୀୟ ନାଗରିକ, ଛାତ୍ରଛାତ୍ରୀ, ତୀର୍ଥଯାତ୍ରୀ ଏବଂ ବ୍ୟବସାୟିକ ବ୍ୟକ୍ତି ଓ ପର୍ଯ୍ୟଟକ ଯଥାଶୀଘ୍ର ଇରାନ୍ ଛାଡ଼ିବାକୁ ତେହରାନ୍‌ସ୍ଥିତ ଭାରତୀୟ ଦୂତାବାସ ପରାମର୍ଶ ଦେଇଛନ୍ତି। ବାଣିଜ୍ୟିକ ବିମାନ ସମେତ ଯେକୌଣସି ଉପଲବ୍ଧ ପରିବହନ ମାଧ୍ୟମ ଦ୍ୱାରା ଇରାନ୍‌ରୁ ପ୍ରତ୍ୟାବର୍ତ୍ତନ କରିବାକୁ ଦୂତାବାସ

ଭାରତୀୟଙ୍କୁ କହିଛି। ପ୍ରବାସନ ଜନିତ କାଗଜପତ୍ରକୁ ପାଖରେ ରଖିବାକୁ ଦୂତାବାସ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦେଇଛି।

## ଅନ୍‌ଏମ୍ପ୍ଲୋଏମେଣ୍ଟ ଡାଟା– ଡିସେମ୍ବର

ଦେଶରେ ୧୫ ବର୍ଷ ଏବଂ ତା'ଠାରୁ ଅଧିକ ବୟସର ବ୍ୟକ୍ତିଙ୍କ ମଧ୍ୟରେ ସାମଗ୍ରୀକ ଶ୍ରମଶକ୍ତି ହାର ଗତ ମାସରେ  ବୃଦ୍ଧି ପାଇ ୫୬ ଦଶମିକ ୧ ପ୍ରତିଶତ ହୋଇଛି। ପରିସଂଖ୍ୟାନ ଏବଂ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ମାସିକ ଶ୍ରମଶକ୍ତି ଓ ବେରୋଜଗାରୀ ତଥ୍ୟରୁ ଏହି ସୂଚନା ମିଳିଛି। ଗତ ବର୍ଷ ନଭେମ୍ବର ମାସରେ ଏହି ହାର ୫୫ ଦଶମିକ ୮ ପ୍ରତିଶତ ରହିଥିଲା। ଏପରିକି ଗତ ମାସରେ ଏହି ବର୍ଗର ସାମଗ୍ରୀକ ଶ୍ରମିକ ଜନସଂଖ୍ୟା ଅନୁପାତ ବର୍ଷର ସବୁଠାରୁ ଅଧିକ ୫୩ ଦଶମିକ ୪ ପ୍ରତିଶତ ରହିଥିଲା। ଦେଶରେ ଏହି ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ବେରୋଜଗାରୀ ହାର ପ୍ରାୟତଃ ସ୍ଥିର ରହିଥିବା ଏହି ତଥ୍ୟରେ କୁହାଯାଇଛି। ଗତ ନଭେମ୍ବର ମାସରେ ବେରୋଜଗାରୀ ହାର ୪ ଦଶମିକ ୭ ପ୍ରତିଶତ ରେକର୍ଡ କରାଯାଇଥିବା ବେଳେ ଗତ ମାସରେ ଏହା ୪ ଦଶମିକ ୮ ପ୍ରତିଶତ ରହିବ ବୋଲି ତଥ୍ୟରେ ଆକଳନ କରାଯାଇଛି। ଗ୍ରାମାଞ୍ଚଳ ବେରୋଜଗାରୀ ହାର ୩ ଦଶମିକ ୯ ପ୍ରତିଶତରେ ସ୍ଥିର ରହିଥିବା କୁହାଯାଇଛି।

## ଇଣ୍ଡିଆ ପୋଷ୍ଟ କମ୍ପିଟିସନ୍

ସାର୍ବଜନୀନ ପୋଷ୍ଟାଲ ସଂଘ– ୟୁ.ପି.ୟୁ. ଅନ୍ତର୍ଜାତୀୟ ପତ୍ରଲେଖା ପ୍ରତିଯୋଗିତା-୨୦୨୬ରେ ଅଂଶଗ୍ରହଣ ପାଇଁ ଛାତ୍ରଛାତ୍ରୀଙ୍କଠାରୁ ଲେଖା

ଆହ୍ୱାନ କରାଯାଇଛି। ଇଣ୍ଡିଆ ପୋଷ୍ଟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ 'ଡିଜିଟାଲ ଦୁନିଆରେ ମାନବ ସଂଯୋଗ କାହିଁକି ଗୁରୁତ୍ୱପୂର୍ଣ୍ଣ' ପ୍ରସଙ୍ଗ ଆଧାରିତ ବନ୍ଧୁଙ୍କ ପାଖକୁ ପତ୍ରଲିଖନ ଶୀର୍ଷକ ଲେଖା ଆହ୍ୱାନ କରାଯାଇଛି। ଯୋଗାଯୋଗ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ୯ରୁ ୧୫ ବର୍ଷ ବୟସର ଛାତ୍ରଛାତ୍ରୀ ଇଂରାଜୀ କିମ୍ବା ଅଷ୍ଟମ ଅନୁସୂଚୀ ଆଧାରିତ ଯେକୌଣସି ଭାଷାରେ ଲେଖା ଦାଖଲ କରିପାରିବେ। ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ଆସନ୍ତା ମାର୍ଚ୍ଚ ମାସ ୨୦ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଆଞ୍ଚଳିକ ପୋଷ୍ଟାଲ କାର୍ଯ୍ୟାଳୟକୁ ଏହି ଲେଖାଗୁଡ଼ିକୁ ପଠାଇବାକୁ ଯୋଗାଯୋଗ ମନ୍ତ୍ରଣାଳୟ କହିଛି। ଆଞ୍ଚଳିକ ତଥା ଜାତୀୟସ୍ତରରେ ମନୋନୀତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ଇଣ୍ଡିଆନ୍ ଓପନ୍ ବ୍ୟାଡମିଣ୍ଟନ

ଇଣ୍ଡିଆନ୍ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ଏକକ ବର୍ଗ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଭାରତର ଲକ୍ଷ୍ୟ ସେନ୍ ଉନ୍ନୀତ ହୋଇଛନ୍ତି। ନୂଆଦିଲ୍ଲୀଠାରେ ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଶ୍ରୀ ସେନ୍ ଜାପାନ୍ ପ୍ରତିପକ୍ଷ ନିଶିମୋତୋ କେନ୍ତାଙ୍କୁ ୨୧-୧୯, ୨୧-୧୦ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଏକକ ବର୍ଗରେ ମାଲବିକା ବଂଶୋଦ ଚୀନ୍ ଖେଳାଳିଙ୍କଠାରୁ ପରାସ୍ତ ହେବା ପରେ ଭାରତର ଏହି ବର୍ଗରେ ଅଭିଯାନ ଶେଷ ହୋଇଛି। ଏଚ୍.ଏସ୍.ପ୍ରଣୟ ଏବଂ କିଦାମ୍ବୀ ଶ୍ରୀକାନ୍ତ ପୁରୁଷ ଏକକ ବର୍ଗ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି।

# ଡବ୍ଲ୍ୟୁପିଏଲ୍ କ୍ରିକେଟ

ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ୟୁପି ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ। ନଭି ମୁମ୍ବାଇର ଡକ୍ଟର ଡି.ୱାଇ ପାଟିଲ ସ୍ପୋର୍ଟସ ଏକାଡେମୀ ପଡ଼ିଆରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ୟୁପି ୱାରୟର୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।